# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**4 February – 2026**

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ତୃତୀୟ ଦିନରେ ବର୍ତ୍ତମାନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ପାଇଁ ପୁରୀ ବାଲିସାହିସ୍ଥିତ ଶ୍ୱେତଗଙ୍ଗା ପୁଷ୍କରିଣୀଠାରେ ପହଞ୍ଚିଛନ୍ତି । ସାବତ ନିଯୋଗ ପକ୍ଷରୁ ସେବାୟତମାନେ ପିଣ୍ଡଦାନ କାର୍ଯ୍ୟରେ ସାମିଲ ଅଛନ୍ତି । ଆଉ କିଛି ସମୟ ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ' ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସକାଳ ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି । ଶ୍ରୀଜୀଉଙ୍କ ଦର୍ଶନ ପରେ ରାଷ୍ଟ୍ରପତି ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି । ଗତକାଲି ଶ୍ରୀମତୀ ମୁର୍ମୁ ଯାଜପୁରସ୍ଥିତ ମା' ବିରଜା କ୍ଷେତ୍ର ଯାଇ ନାଭିଗୟା କୁଣ୍ଡରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ ।

## ମୁଖ୍ୟ ଶାସନ ସଚିବ-ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୨୫-୨୬ ବର୍ଷର ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ଚଳିତ ଆର୍ଥିକବର୍ଷ ଶେଷ ହେବା ପାଇଁ ୨ ମାସ ସମୟ ଥିବାରୁ ଏହା ମଧ୍ୟରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବା ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ବିଭାଗମାନଙ୍କୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ

ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା ।

## ନାବାର୍ଡ

ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ-ନାବାର୍ଡ ପକ୍ଷରୁ ଭୁବନେଶ୍ୱରଠାରେ ଗତକାଲି ଆୟୋଜିତ ଏକ ବୈଠକରେ ଆସନ୍ତା ଆର୍ଥିକବର୍ଷ ପାଇଁ ଅଗ୍ରାଧିକାର କ୍ଷେତ୍ରରେ ୩ ଲକ୍ଷ ୧୫ ହଜାର କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ପ୍ରସ୍ତୁତ କରାଯାଇଛି । ଚଳିତ ଆର୍ଥିକବର୍ଷରେ ତିଆରି ହୋଇଥିବା ଯୋଜନାଠାରୁ ଏହାର ପରିମାଣ ୨୫ ପ୍ରତିଶତ ଅଧିକ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ୧ଲକ୍ଷ ୫୨ ହଜାର କୋଟି ଟଙ୍କା ଓ କୃଷିକ୍ଷେତ୍ର ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ପ୍ରସ୍ତୁତ କରାଯାଇଛି ।

୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ମସିହା ସୁଦ୍ଧା ୧ଦଶମିକ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟଶାସନ ସଚିବ ଅନୁଗର୍ଗ ପରାମର୍ଶ ଦେଇଛନ୍ତି ।

## ଶିଳ୍ପମନ୍ତ୍ରୀ- କେନ୍ଦ୍ରୀୟ ବଜେଟ୍

ଚଳିତବର୍ଷର କେନ୍ଦ୍ରୀୟ ବଜେଟ୍ ଦେଶର ପ୍ରତିକୋଣରେ ବିକାଶର ଆଶାକୁ ଉଦ୍‌ଜୀବିତ କରିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ସର୍କିଟ୍ ହାଉସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ

ଗତକାଲି ଶ୍ରୀ ସ୍ୱାଇଁ କହିଛନ୍ତି, ବଜେଟ୍‌ରେ ମହିଳା, କୃଷକ, ଜନଜାତି ଏବଂ ମଧ୍ୟବିତ୍ତବର୍ଗଙ୍କୁ ସଶକ୍ତ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ବଜେଟ୍‌ରେ ବ୍ୟବସାୟୀ, ଏମ୍‌ଏସ୍‌ଏମ୍‌ଇ ଏବଂ ନୂତନ ଶିଳ୍ପ ପ୍ରତିଷ୍ଠା,  ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତିରକ୍ଷା ଆଦି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

**V/O**

---

# ସ୍ୱାସ୍ଥ୍ୟସେବା

ମାଲକାନଗିରି ଜିଲ୍ଲାର ଏମ୍.ଭି-୩୭ ଗ୍ରାମରେ ଗୋଷ୍ଠୀସ୍ତରୀୟ ୧୦୦ଦିନିଆ ସ୍ୱାସ୍ଥ୍ୟଶିବିର ୨.୦ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ’ ଜିଲ୍ଲାରେ ପ୍ରଥମଥର ପାଇଁ ଭ୍ରାମ୍ୟମାଣ ଡିଜିଟାଲ ଏକ୍ସ-ରେ ମେସିନ ଦ୍ୱାରା ବିଭିନ୍ନ ଗ୍ରାମରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯିବ ।

---

# ଉଚ୍ଚଶିକ୍ଷାମନ୍ତ୍ରୀ- ଶିଳାନ୍ୟାସ

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଜିଲ୍ଲାରେ ୪ କୋଟି ୬୮ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଗତକାଲି ଶିଳାନ୍ୟାସ କରିଛନ୍ତି ।  ଜିଲ୍ଲାର ଦିହୁଡ଼ି, ଆନନ୍ଦପୁର, ଅସୁରାଳୀ, ମୁସ୍ତଫାପୁର ଆଦି ଅଞ୍ଚଳରେ ନୂତନ ମାର୍କେଟ୍ କଂପ୍ଲେକ୍ସ ଦୋକାନ ଗୃହ ଏବଂ ଧୁଷୁରୀଠାରେ ୫୦ଟି ନୂତନ ହାଟ ପିଣ୍ଡି ନିର୍ମାଣ  ପାଇଁ ଶିଳାନ୍ୟାସ  କରିଛନ୍ତି ।

---

# ପୂଣ୍ୟତିଥି-ମଧୁବାବୁ

ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣୀ ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ  ପୂଣ୍ୟତିଥିରେ ରାଜ୍ୟର

ବିଭିନ୍ନ ସ୍ଥାନରେ ଆଜି ସକାଳୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଲାଭ କରିଥିବା ମଧୁସୂଦନ ଦାସ ରାଜ୍ୟବାସୀଙ୍କ ମଧ୍ୟରେ ମଧୁ ବାରିଷ୍ଟର ନାମରେ ପରିଚିତ ଥିଲେ । ୧୯୩୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି ସଂଧ୍ୟାରେ ଲୋକସଂପର୍କ ଭବନ ସମ୍ମିଳନୀ କକ୍ଷରେ  ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହେବ ।

## କର୍କଟ ସଚେତନତା ଦିବସ

କର୍କଟ ରୋଗର କାରଣ ଏବଂ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଅନନ୍ୟତାରେ ଏକତା' । ଏହି ଅଭିଯାନ ଅନ୍ତର୍ଗତ ଆମର ଲକ୍ଷ୍ୟରେ ଏକତା ଏବଂ ଆମ ଆବଶ୍ୟକତାରେ ଅନନ୍ୟ ନୀତି ପରିଚାଳିତ କାର୍ଯ୍ୟ କରି ବିଶ୍ୱବାସୀଙ୍କୁ କର୍କଟ ରୋଗ ବିଷୟରେ ସଚେତନ କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ । କର୍କଟ ରୋଗର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିପାରିବ ।

ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।ରାଜ୍ୟର ଉତ୍ତରଭାଗର କିଛି ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଥିଲେ ମଧ୍ୟ ଉପକୂଳ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଇଛି ।